# ଜାତୀୟ ଯୁବ ପୁରସ୍କାର ନିମନ୍ତେ ଦରଖାସ୍ତ ଆହ୍ୱାନ

ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଜାତୀୟ ଯୁବ ପୁରସ୍କାର ୨୦୧୪-୧୫ ବର୍ଷ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ୧୫-୨୯ ବର୍ଷ ବୟସର ଯୋଗ୍ୟ ବିବେଚିତ ବ୍ୟକ୍ତି ବେଶେଷଙ୍କୁ ଟ.୪୦,୦୦୦/- ଙ୍କା ମେଡାଲ ଓ ମାନପତ୍ର ଏବଂ ଗୋଟିଏ ସ୍ୱେଚ୍ଛାସେବୀ ଯୁବ ଅନୁଷ୍ଠାନକୁ ଟ.୨,୦୦,୦୦୦/- ଙ୍କା ଟ୍ରଫି ଓ ମାନପତ୍ର ସହ ଆସନ୍ତା ଜାନୁୟାରୀ ୨୦୧୬ ମସିହାରେ ଜାତୀୟ ଯୁବ ଦିବସରେ ପ୍ରଦାନ କରାଯିବ । ଜାତୀୟ ଉନ୍ନୟନ ଓ ସମାଜସେବା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଇଚ୍ଛୁକ ଯୁବକ, ଯୁବତୀ ଓ ସ୍ୱେଚ୍ଛାସେବୀ ଯୁବ ଅନୁଷ୍ଠାନମାନେ ନିର୍ଦ୍ଧାରିତ ଆବେଦନ ପତ୍ରରେ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ନିକଟକୁ ତା-୨୦.୦୭.୨୦୧୫ ରିଖ ମଧ୍ୟରେ ଆବେଦନ କରିବା ଆବଶ୍ୟକ । ଆବେଦନକାରୀ ସେମାନଙ୍କର ବିଗତ ତିନି ବର୍ଷର କାର୍ଯ୍ୟାବଳୀଗୁଡିକୁ ବର୍ଷୱାରି ଦର୍ଶାଇବା ଆବଶ୍ୟକ । ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳ ଉକ୍ତ ଆବେଦନ ପତ୍ର ଗୁଡିକ ବିଚାର କରି ଯୋଗ୍ୟ ବିବେଚିତ ଆବେଦନ ପତ୍ର ଗୁଡିକୁ ସୁପାରିସ ସହ କ୍ରୀଡା ଓ ଯୁବ ସେବା ବିଭାଗ, ଓଡିଶା, ନୟାପଲ୍ଲୀକୁ ତା. ୩୧.୦୭.୨୦୧୫ ରିଖ ମଧ୍ୟରେ ପଠାଇବା ଆବଶ୍ୟକ । ଏଥି ନିମନ୍ତେ ସବିଶେଷ ବିବରଣୀ କ୍ରୀଡା ଓ ଯୁବ ସେବା ବିଭାଗ, ଓଡିଶା କିମ୍ବା ସଂପୃକ୍ତ ଜିଲ୍ଲାର କ୍ରୀଡା ଅଧିକାରୀଙ୍କ କାର୍ଯ୍ୟାଳୟରେ ମିଳିପାରିବ । ଆବେଦନ ପତ୍ରର ପ୍ରୋଫର୍ମା ଓ ଅନ୍ୟାନ୍ୟ ବିସ୍ତୃତ ବିବରଣୀ ୱେବସାଇଟ୍ **www.yas.nic.in**ରେ ଉପଲବ୍ଧ ଅଟେ ।